115

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ,

ପଣ୍ଡିତ ଜବାହାରଲାଲ୍ ନେହରୁ ମାର୍ଗ, ଭୁବନେଶ୍ୱର ୭୫୧୦୦୧

---

ପତ୍ର ସଂଖ୍ୟା 26318 /ଭୁ.ଉ.କ., ଭୁବନେଶ୍ୱର ତା 07.07.2022 ରିଖ

## ସୂଚନା

ଏତଦ୍ ଦ୍ୱାରା ଭୁବନେଶ୍ୱର ଉନ୍ନୟନ **କର୍ତ୍ତୃପକ୍ଷ** ଅଧିନରେ ସମସ୍ତ **ଆବଣ୍ଟନଗ୍ରାହୀ** ମାନଙ୍କ ଅବଗତ ନିମନ୍ତେ ଜଣାଇଦିଆଯାଉଛି ଯେ, **କର୍ତ୍ତୃପକ୍ଷ**ଙ୍କ ଦ୍ୱାରା ପୂର୍ବରୁ ବିଭିନ୍ନ ପ୍ରକଳ୍ପରେ **ଆବଣ୍ଟିତ** ଜମି/ଗୃହ/ଫ୍ଲାଟ/ଦୋକାନ ତଥା ଆବାସ ଗୃହ ଗୁଡ଼ିକର ଲିଜ୍ ଦଲିଲ ପଞ୍ଜିକୃତ ନିମନ୍ତେ **ONLINE** ରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଇଥିଲା । ତେବେ **ବର୍ତ୍ତମାନ** ସୁଦ୍ଧା ଅନେକ ବ୍ୟକ୍ତି ସ୍ଥୀରିକୃତ ସମୟସୀମା ମଧ୍ୟରେ ଆବଶ୍ୟକ ଲିଜ ଦଲିଲ **କର୍ତ୍ତୃପକ୍ଷ**ଙ୍କ ନିକଟରେ ଜମା କରିନାହାନ୍ତି । ଏହି ନୋଟିସ ମାଧ୍ୟମରେ ସଂପୃକ୍ତ ଆବଣ୍ଟନଗ୍ରାହୀ ମାନଙ୍କୁ ଆଗାମୀ ଏକ ମାସ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସଂଖ୍ୟା (Unique Account Number) UAN ହାସଲ କରିବା ସହ ତତସଂଲଗ୍ନ ଲିଜ ଦଲିଲ **କର୍ତ୍ତୃପକ୍ଷ**ଙ୍କ ୱେବସାଇଟ (www.bda.gov.in) ରେ ନିୟମାନୁଯାୟୀ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି । ଯେଉଁମାନେ ଏହି ଧାର୍ଯ୍ୟ ସମୟ ମଧ୍ୟରେ ଲିଜ-ଡିଡ ପାଇଁ ଦରଖାସ୍ତ ନ କରିବେ, ସେମାନଙ୍କ ବିରୁଦ୍ଧରେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରକାଶ ଥାଉ କି ଯେଉଁ **ଆବଣ୍ଟନଗ୍ରାହୀ**ଙ୍କ ନାମ ଟାସ୍କଫୋର୍ସ ରିପୋର୍ଟରେ ସ୍ଥାନିତ ହୋଇଥିବ, ଏହା ସେମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ଏହା ସହିତ ବରମୁଣ୍ଡା ଗୃହ/ଦୋକାନ ପ୍ରକଳ୍ପ, ଜଟଣୀ ରାମଚନ୍ଦ୍ରପୁର ଗୃହ ପ୍ରକଳ୍ପ ମଧ୍ୟ ଏହି ନୋଟିସରେ ପ୍ରଜୁଯ୍ୟ ନୁହେଁ ।

ସଚିବ

ଭୁବନେଶ୍ୱର ଉନ୍ନୟନ **କର୍ତ୍ତୃପକ୍ଷ**